# ଓଡ଼ିଆ - ୨୩୩

## ଶିକ୍ଷକ ଅଙ୍କିତ ମୂଲ୍ୟାଙ୍କନ ପତ୍ର

ପୂର୍ଣ୍ଣ ସଂଖ୍ୟା = ୨୦

ଟିପପଣୀ: (କ) ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଦେବା ବାଧ୍ୟତା ମୂଳକ | ପ୍ରତ୍ୟେକ ପ୍ରଶ୍ନର ନିର୍ଦ୍ଧାରିତ ମୂଲ୍ୟାଙ୍କ ପ୍ରଶ୍ନର ଡାହାଣ ପାର୍ଶ୍ୱରେ ସୂଚିତ ଅଛି |

(ଖ) ଉତ୍ତର ପୁସ୍ତିକାର ୧ମ ପୃଷ୍ଠାର ଉପର ଅଂଶରେ ନିଜନାମ, ଅନୁକ୍ରମାଙ୍କ, ଅଧ୍ୟୟନ କେନ୍ଦ୍ରର ନାମ ଓ ବିଷୟ - ସ୍ପଷ୍ଟ ଭାବରେ ଲେଖ |

**ପ୍ରଶ୍ନ - ୧** ନିମ୍ନଲିଖିତ ପ୍ରଶ୍ନମାନଙ୍କ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ପ୍ରାୟ ୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ | (୨ x ୧)

(କ) ସ୍ୱାଧୀନତା ଆନ୍ଦୋଳନରେ ଲକ୍ଷ୍ମଣ ନାଏକଙ୍କ ଭୂମିକା ଅନ୍ୟାନ୍ୟ ଆଦିବାସୀ ବିପ୍ଳବୀ ମାନଙ୍କଠାରୁ କିପରି ଭିନ୍ନ ଥିଲା ତାହା ଉଲ୍ଲେଖ କର | (ପାଠ - ୭)

(ଖ) ବେଣୁଧର କେବେ ଓ କିପରି ଭାବେ ସାହାଯ୍ୟ କେନ୍ଦ୍ରରେ ଯାଇ ପହଞ୍ଚିବ ବୋଲି ମନେ ମନେ ଭାବେ? (ପାଠ - ୮)

**ପ୍ରଶ୍ନ - ୨** ଯେ କୌଣସି ଗୋଟିଏ ପ୍ରଶ୍ନର ଉତ୍ତର ପ୍ରାୟ ୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ | (୨ x ୧)

(କ) କବିଙ୍କ ଦୃଷ୍ଟିରେ ସୁଖର ସଂଜ୍ଞା କ'ଣ? (ପାଠ - ୧୦)

(ଖ) ନାରୀଶିକ୍ଷା ସହିତ ରେବତୀ ଗଳ୍ପର ସମନ୍ୱୟ କିପରି ରହିଛି, ଆକଳନକର | (ପାଠ - ୧୮)

**ପ୍ରଶ୍ନ - ୩** ଯେ କୌଣସି ଗୋଟିଏ ପ୍ରଶ୍ନର ଉତ୍ତର ପ୍ରାୟ ୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ | (୨ x ୧)

(କ) ବିଶ୍ୱର କଲ୍ୟାଣ ପାଇଁ କବି କିପରି ନିଜକୁ ଉତ୍ସର୍ଗ କରିଛନ୍ତି, ବର୍ଣ୍ଣନା କର | ପାଠ - ୧୭)

(ଖ) ସତ୍ୟ ଓ ଧର୍ମର ପରୀକ୍ଷାରେ ଯୁଧିଷ୍ଠିର କିପରି ଉତ୍ତୀର୍ଣ୍ଣ ହୋଇଛନ୍ତି, ଉଲ୍ଲେଖ କର | (ପାଠ - ୨୪)

**ପ୍ରଶ୍ନ - ୪** ଯେ କୌଣସି ଗୋଟିଏ ପ୍ରଶ୍ନର ଉତ୍ତର ପ୍ରାୟ ୧୦୦ ରୁ ୧୫୦ ଶବ୍ଦ ମଧ୍ୟରେ ଲେଖ | (୪ x ୧)

(କ) ଆଚାର୍ଯ୍ୟ ହରିହରଙ୍କର ମହନୀୟତା 'ଆଚାର୍ଯ୍ୟୋ ଥିଲେ ବୋଲି' ଗଳ୍ପରେ କିପରି ପ୍ରତିଫଳିତ ହୋଇଛି ତାହା ଆଲୋଚନା କର | (ପାଠ - ୧୨)

(ଖ) 'ଚିରଦିନ ଦୁଃଖ-ପ୍ରହାରେ ଜର୍ଜର, ପଟ୍ଟଶିଷ୍ୟ ମୁହିଁ ଦୁଃଖ-ଗୁରୁଙ୍କର' - କେଉଁ ପ୍ରସଙ୍ଗରେ କବି ଏହା ଉଲ୍ଲେଖ କରିଛନ୍ତି, ତାହା ବର୍ଣ୍ଣନା କର | (ପାଠ - ୧୦)

**ପ୍ରଶ୍ନ - ୫** ଯେ କୌଣସି ଗୋଟିଏ ପ୍ରଶ୍ନର ଉତ୍ତର ପ୍ରାୟ ୧୦୦ ରୁ ୧୫୦ ଶବ୍ଦ ମଧ୍ୟରେ ଲେଖ । (୪ x ୧)

(କ) 'ଲକ୍ଷ୍ମଣ ନାଏକଙ୍କ ଜୀବନୀ ଓ କୃତିତ୍ୱ ଅନନ୍ୟ ଅସାଧାରଣ' - ଉକ୍ତିଟିର ଯଥାର୍ଥତା ପ୍ରତିପାଦନ କର । (ପାଠ - ୭)

(ଖ) 'ସମାଜ ପାଇଁ ନାରୀ ଶିକ୍ଷା ଜରୁରୀ' - ଏହା ରେବତୀ ଗଳ୍ପ ଅବଲମ୍ବନରେ ସମୀକ୍ଷା କର । (ପାଠ - ୧୮)

**ପ୍ରଶ୍ନ - ୬** ଯେ କୌଣସି ଗୋଟିଏ ପ୍ରକଳ୍ପ ଅନୁନ୍ୟ ୫୦୦ ଶବ୍ଦ ମଧ୍ୟରେ ପ୍ରସ୍ତୁତ କର । (୬ x ୧)

(କ) ଯୁଗେ ଯୁଗେ ସତ୍ୟ, ଧର୍ମ ଓ ନ୍ୟାୟର ବିଜୟ ହୋଇଛି । ଏହା ପୁରାଣ ଆଧାରରେ ବର୍ଣ୍ଣନା କର । (ପାଠ - ୨୪)

(ଖ) ବେଣୁଧର ଚରିତ୍ର ମାଧ୍ୟମରେ ଓଡ଼ିଆ ଜାତିର ସ୍ୱାଭିମାନବୋଧ କିଭଳି ଚିତ୍ରିତ ହୋଇଛି, ତାହା ଉଲ୍ଲେଖ କର । (ପାଠ - ୮)